## ଆଜି କ'ଣ କେଉଁଠି

**ବାଲେଶ୍ୱର**

-ସମୂହ ବିବାହ ଉତ୍ସବ। ସ୍ଥାନ: ଓଟି ରୋଡ୍, ରେବତୀ କାର୍ଯ୍ୟାଳୟ। ସମୟ: ପୂର୍ବାହ୍ନ ୧୧ଟା।

-ରୂପସା ହଳଦୀପଦା ପ୍ରଗତୀ ମଞ୍ଚ ପକ୍ଷରୁ ରେଳରୋକୋ। ସ୍ଥାନ: ହଳଦୀପଦା ରେଳ ଷ୍ଟେଶନ। ସମୟ: ପୂର୍ବାହ୍ନ ୬ଟା।

**ଭଦ୍ରକ**

- ଶିକ୍ଷାବିତ୍ ସ୍ୱର୍ଗତ ପ୍ରଫୁଲ୍ଲ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା। ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ଆଗରପଡ଼ା। ସମୟ: ଅପରାହ୍ନ ୩ଟା ୩୦।

**ମୟୂରଭଞ୍ଜ**

-ତୈଳ ଦର ବୃଦ୍ଧି ପ୍ରତିବାଦରେ ଉଦଳା କଂଗ୍ରେସ ପକ୍ଷରୁ ବନ୍ଦ ପାଳନ। ସ୍ଥାନ- ଉଦଳା ସହରାଞ୍ଚଳ। ସମୟ: ସକାଳ ୭ଟା।

# ମୌଳିକ ସୁବିଧାରୁ ବଞ୍ଚିତ ଦେବେନ୍ଦ୍ରପୁରବାସୀ

**ବାରିପଦା ଅଫିସ,୧୪।୨**

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଦେବେନ୍ଦ୍ରପୁର ଅଞ୍ଚଳରେ ଡ୍ରେନେଜ ବ୍ୟବସ୍ଥା, ଡଷ୍ଟବିନ୍ ସେଣ୍ଟର, ଅଙ୍ଗନୱାଡି କେନ୍ଦ୍ର ଓ ଶିଶୁ ଉଦ୍ୟାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ସରକାରଙ୍କ ଯୋଜନାରୁ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ୱାର୍ଡ ନଂ.୨୫ର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି।



ସମସ୍ୟା ସମାଧାନ ପାଇଁ ଦାବି କରୁଥିବା ଦେବେନ୍ଦ୍ରପୁର ଅଞ୍ଚଳବାସୀ।

ବର୍ଷା ଦିନେ ରାସ୍ତା ଉପରେ ପାଣି ଲହଡ଼ି ଭାଙ୍ଗୁ ଥିବା ବେଳେ ଡ୍ରେନେଜ ବ୍ୟବସ୍ଥା କରାଯାଇ ନାହିଁ । ଅଞ୍ଚଳର କୋମଳମତି ଶିଶୁମାନେ ଏକ କି.ମି. ଦୂର ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢ଼ିବାକୁ ଯାଉଛନ୍ତି। ଆବର୍ଜନା ପକାଇବା ପାଇଁ ଡଷ୍ଟବିନର ବ୍ୟବସ୍ଥା ନ ଥିବାରୁ ବହୁ ସ୍ଥାନରେ ଅଳିଆ ପଡ଼ି ପୁତିଗନ୍ଧମୟ ହୋଇ ପରିବେଶ ସୃଷ୍ଟି ହେଉଛି। ବହୁ ସରକାରୀ ଜମିକୁ ଜବରଦଖଲ କରି କୋଠା ଘର ନିର୍ମାଣ କରାଯାଉଛି । ଏହାକୁ ବିରୋଧ କଲେ ନାଲି ଆଖିର ଧମକ ଦେଇ ଜମି ମାଫିଆମାନେ ମାଲେମାଲ ହୋଇଯାଉଛନ୍ତି। ତେବେ ଖୁବଶୀଘ୍ର ଉକ୍ତ ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ର, ଶିଶୁ ଉଦ୍ୟାନ, ଡଷ୍ଟବିନ ଓ ଡ୍ରେନେଜ ବ୍ୟବସ୍ଥା ପାଇଁ ଅଞ୍ଚଳର ପିନୁ ହେମ୍ବ୍ରମ, ସାବନ୍ତୀ ମାଝି, ମକରଚାନ୍ଦ ସିଂ, ବସନ୍ତ ବଧୂକ, ଶ୍ରୀହରି ମଣ୍ଡଳ ପ୍ରମୁଖ ଦାବି କରିଛନ୍ତି ।

# ଝୁମର ତାଳେ ତାଳେ ଝୁମିଲେ


ଝୁମର୍ ଗୀତରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ନୃତ୍ୟ କରୁଛନ୍ତି।

**ପାଟଣା,୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ମିରିଗିଖୋଜି ପଞ୍ଚାୟତ ଅଶନବାହାଲି ଗ୍ରାମ ବୈତରଣୀ ନଦୀକୂଳ ସିନ୍ଧୁରି ଗୋରୀ ତୀର୍ଥରେ ରବିବାର ଓଡ଼ିଶା କୁଡ୍ମୀ ସେନାର ପାଟଣା ଓ ସାହାରପଡା ବ୍ଲକର କୁଡ୍ମୀ ସମ୍ପ୍ରଦାୟର ଭଉଣୀ ଭାଇ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ଏକ ବିଶାଳ ବାଇକ ରାଲିରେ ଅତିଥିମାନଙ୍କୁ ଧାନବେଣୀଛକଠାରୁ ପାଛୋଟି ଅଣା ଯାଇଥିଲା। ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ ଓ ଓଡିଶା କୁଡ୍ମୀ ସେନା ରାଜ୍ୟ ଉପସଭାପତି ଦିବ୍ୟ ସିଂ ମହାନ୍ତ ଝୁମର ଗୀତ ନୃତ୍ୟର ତାଳେ ସ୍ଥାନୀୟ ମହିଳାମାନଙ୍କ ସହ ନାଚିଥିଲେ। ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ଅବସର ପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ କୁଡ୍ମୀ ସେନା ରାଜ୍ୟ ଉପସଭାପତି ଦିବ୍ୟ ସିଂ ମହାନ୍ତ, ମୁଖ୍ୟବକ୍ତା ଭାବେ ମୟୁରଭଞ୍ଜ ଜିଲା କୁଡ୍ମୀ ସେନା ସଭାପତି ଦୁର୍ଗାଚରଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମିତ୍ରଭାନୁ ମହାନ୍ତ ପ୍ରମୁଖ ଯୋଗ ଦେଇ କୁଡ଼ମାଲି ଭାଷା, ଜାତିର ବିକାଶ ଓ କୁଡ୍ମୀ ଜାତିକୁ ଆଦିବାସୀ ତାଲିକା ଅନ୍ତର୍ଭୁକ୍ତ କରିବା ପାଇଁ ପାଇଁ ଏହି ସଂଗଠନ ଲଢେଇ ଜାରି ରଖିବ ବୋଲି ମତ ପ୍ରକାଶ କରିଥିଲେ।

# ସିଦ୍ଧମଠ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ସହରବାସୀ


ବୈଠକରେ ଉପସ୍ଥିତ ସହରବାସିନ୍ଦା।

**କେନ୍ଦୁଝର, ୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ପୁରୁଣାବଜାରସ୍ଥିତ ଐତିହ୍ୟ ଶକ୍ତି ପୀଠ ଦେବସ୍ଥଳୀ ଏବଂ ପର୍ଯ୍ୟଟନ ସ୍ଥଳୀଭାବେ ସାରାରାଜ୍ୟରେ ପରିଚିତ ସିଦ୍ଧମଠ ଏବେ ଅସୁରକ୍ଷିତ। ଏହିସ୍ଥଳୀରୁ ମାତ୍ର ୨୦/୨୫ ମିଟର ବ୍ୟବଧାନରେ କେନ୍ଦୁଝର ସହରର ଆବର୍ଜନା ସ୍ଥଳ କରିବାକୁ ପ୍ରଶାସନ ନିଷ୍ପତ୍ତି ନେବା ସହରର ସମସ୍ତ ବୁଦ୍ଧିଜୀବୀ ଏବଂ ଭକ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବା ସହ ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝରର ବଳଦେବଜୀଉ ସଂସ୍କୃତି ପୂର୍ବରୁ ସିଦ୍ଧମଠର ସଂସ୍କୃତି ବିରାଜମାନ। ଏହି ଦେବସ୍ଥଳୀଟି ରାଜ୍ୟସରକାରଙ୍କ ଦେବତ୍ତୋର ବିଭାଗ ଦ୍ୱାରା ପରିଚାଳିତ। ଏହା ସତ୍ତ୍ୱେବିପ୍ରଶାସନ ବିନା ନୋଟିସ ଏବଂ ବିନା ପଲ୍ଲିସଭାରେ ଏପରି ଜନବିରୋଧୀ ନିଷ୍ପତି ନେଇଥିବାରୁ ଏହାକୁ ବିରୋଧ କରି ରବିବାର ସହରବାସୀଙ୍କ ଏକ ବୈଠକ ପୁରୁଣାବଜାର ଦୋଳମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉକ୍ତ ସ୍ଥାନରେ ଆବର୍ଜନା ସ୍ଥଳକୁ ବିରୋଧ କରାଯିବା ସହ ସୋମବାର ଏନେଇ ଜିଲାପାଳଙ୍କ ନିକଟରେ ଲିଖିତ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତି ନିଆଯାଇଛି। ଜିଲ୍ଲାପାଳଙ୍କୁ ଅବଗତ କରାଯିବା ପରେ ଯଦି କିଛି ସୁଫଳ ନମିଳେ ତେବେ ଆଗକୁ ଏହାକୁ ବିରୋଧ କରି ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ବୈଠକରେ ସଦର ବିଧାୟକ ମୋହନ ମାଝୀଙ୍କ ସହ ସହରବାସୀ ସୁରେଶ ପଟ୍ଟନାୟକ, ପ୍ରଭଞ୍ଜନ ପଟ୍ଟନାୟକ, କିରଣବାଳା ନାୟକ, ନିମାଇଁ ଚରଣ ଦାଶ, ଧୀରେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ପ୍ରଶାସନର ଏପରି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିଥିଲେ।

# ଏମ୍ଏସ୍ପି ପ୍ରିମିୟର ଲିଗ୍ ଉଦ୍ଯାପିତ

**କେନ୍ଦୁଝର, ୧୪।୨(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ବଣୁଆ ପଡିଆ ଠାରେ ଗତ ୧୮ରୁ ଆରମ୍ଭ ହୋଇଥିବା ଏମ୍ଏସ୍ପି ପ୍ରିମିୟର ଲିଗ ଉଦ୍ଯାପିତ ହୋଇଯାଇଛି। ପେଲେଟ ୱାରିୟର ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୩୧ ରନ କରିଥିବା ବେଳେ ଡିଏସଆଇ ରେଜବର ୧୦ ଓଭରରେ ୭୭ ରନ୍ କରି ହାରି ଯାଇଥିଲେ। ମ୍ୟାନ ଅଫ ଦ ମ୍ୟାଚ ଭାବେ ପେଲେଟ ୱାରିୟରର ଧୀରେନ୍ଦ୍ର ନାୟକଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟ ଅତିଥି ଭାବେ କମ୍ପାନୀର ସଭାପତି ଇଂ ଦେବ୍ରତ ସ୍ୱାଇଁ ଓ ଜିଏମ ସଞ୍ଜୟ କୁମାର ସାହୁ ପୁରସ୍କାର ବିତରଣ କରିଥିଲେ।

# ଗୋ-ଚାଲାଣକୁ ନେଇ ପ୍ରଜ୍ଞାନନ୍ଦଜୀଙ୍କ ଉଦ୍‌ବେଗ

**କେନ୍ଦୁଝର, ୧୪।୨ (ସ୍ୱ.ପ୍ର.)**

ଗାଇଗୋରୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଥିବା ପ୍ରଜ୍ଞାନନ୍ଦ ଜୀ ମହାରାଜ ଓ ଅନ୍ୟ ସାଧୁସନ୍ଥ ଓ ଗୋରକ୍ଷକ କେନ୍ଦୁଝର ଜିଲାରେ ପହଞ୍ଚି ଶନିବାର ବୈତରଣୀ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକା ଯାତ୍ରା କରିଛନ୍ତି। ସେଠାରୁ ରାତିରେ ଫେରୁଥିବା ବେଳେ ବହୁ ସଂଖ୍ୟାରେ ଗୋରୁଗାଇଙ୍କୁ କେତେକ ଲୋକ ପାଦରେ ଚଲାଇ ଚଲାଇ ନେଉଥିବା ଦେଖି ପୋଲିସ ସହାୟତାରେ ଉଦ୍ଧାର କରିଥିଲେ। ତେବେ ଯେଉଁଭଳି ଭାବେ ଗାଈ ଗୋରୁଙ୍କୁ ଚଲାଇ ଚଲାଇ କଷ୍ଟ ଯନ୍ତ୍ରଣା ଦେଇ ଚାଲାଣ କରାଯାଉଛି ତାହାକୁ ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଗୋରୁଗାଇଙ୍କୁ ଥଇଥାନ କରା ନ ଯିବା ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ କରିବେ ନାହିଁ ବୋଲି ମତ ରଖିଥିଲେ। ଏହି ଅବସରରେ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଗୋ ମାତା ସୁରକ୍ଷା ଓ ଆବଶ୍ୟକତା ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବଜରଙ୍ଗ ଦଳର ସରୋଜ ନାୟକ, କିରଣବାଳା ନାୟକ, ପ୍ରକାଶ ମଲ୍ଲିକ, ସଞ୍ଜୟ ମହାନ୍ତି, ଦିପୁ ମହାରଣା ସମେତ ଅନ୍ୟ ମାନେ ଗୋ ମାନଙ୍କ ସେବା ଶୁଶ୍ରୁଷା କରିଥିଲେ।

# ମାତୃପିତୃ ପୂଜନ ଦିବସ

**ଭଣ୍ଡାରିପୋଖରୀ,୧୪।୨(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଭଦ୍ରକ ଯୋଗ ବେଦାନ୍ତ ସମିତି ପକ୍ଷରୁ ଭଣ୍ଡାରିପୋଖରୀର ବନସ୍ତାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶାରଦା ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଅନିତା ବେହେରା ସଂଯୋଜନା କରିଥିଲେ। ଅମରିସ ମହାନ୍ତି, ସୁଶାନ୍ତ ସେନାପତି, ମଧୁସ୍ମିତା ବେହେରା, ସୁଦେଷ୍ଣା ପାତ୍ର ଓ ସାମାଜିକ କର୍ମୀ ଦାମୋଦର ବାରିକ ଯୋଗ ଦେଇଥିଲେ। ସେହିପରି ସରସଦା ପଟାପୋଲ, ଧାମନଗର ଛକ, ମଞ୍ଜୁରୀ, ବୟାଁବନାପୁର, ଫତେପୁର, ଛତାବର, ଶାରଦା ବିଦ୍ୟାମନ୍ଦିର, କହରାପୋଖରୀଠାରେ ପାଳନ କରାଯାଇଥିଲା। ଛାତ୍ରୀଛାତ୍ର ନିଜ ମା' ବାପାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଯୋଗ ବେଦାନ୍ତ ସମିତିର ଦୁର୍ଯ୍ୟୋଧନ ଲେଙ୍କା ଓ ପବନ କୁମାର ନାୟକ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ


ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ବାଲିଆପାଳ,୧୪।୨(ସ୍ୱ.ପ୍ର.)**

ବାଲିଆପାଳବାସୀଙ୍କ ବହୁଦିନର ଆଶା ପୂରଣ ହେବାକୁ ଯାଉଛି। ଆଦର୍ଶ ବିଦ୍ୟାଳୟ ପାଇଁ ସ୍ଥାନ ନିରୂପଣର ବାଦବିବାଦର ଅନ୍ତ ଘଟି ବାଲିଆପାଳ ବ୍ଲକ ବଳରାମପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବଳରାମପୁର ବିଜେଡି ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଆର୍‌ଡି ବିଭାଗର ଏସ୍‌ଡିଓ ସୌଭାଗ୍ୟ ଦାସ, ଆରଡି ବିଭାଗର ଜେଇ ଅବନୀକାନ୍ତ ରାଉତ, ୨୧ନମ୍ବର ଜୋନ୍ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ବଳରାମପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଅଶୋକ ବେରା, ଗିରିଜା ଶଙ୍କର ସାହୁ, ଝାଡ଼େଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦିନୀ ଇଲେଭେନ୍ ଷ୍ଟାର୍ ଚାମ୍ପିୟନ

**ବାଲିଆପାଳ,୧୪।୨(ସ୍ୱ.)**

ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅନ୍ତର୍ଗତ ଚୌଧୁରୀକୁଦ ଗ୍ରାମରେ ଥିବା ଚୌଧୁରୀକୁଦ ଚରବସ୍ତ କାଲରୁଇ ଖେଳ ପଡ଼ିଆରେ ରବିବାର ମା' ବାସୁଳୀ ମାତା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଏଥିରେ ନନ୍ଦିନୀ ଇଲେଭେନ୍ ଷ୍ଟାର ବାଇପାଟଣା ଟିମ୍ ଚାମ୍ପିୟନ ହୋଇଛି।

ଚୂଡ଼ାନ୍ତ ଖେଳ ନନ୍ଦିନୀ ଇଲେଭେନ୍ ଷ୍ଟାର ବାଇପାଟଣା ଓ ବ୍ଲକ ପାଛର ରାଜଘାଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନନ୍ଦିନୀ ଇଲେଭେନ୍ ଷ୍ଟାର ବାଇପାଟଣା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୨୦୪ ରନ୍ କରିଥିଲା। ଜବାବରେ ବ୍ଲକ ପାଛର ରାଜଘାଟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୪ ରନ୍ କରି ରନର୍ସଅପ୍ ହୋଇଥିଲା। ମୁଖ୍ୟଅତିଥି ଭାବେ ୨୧ ନମ୍ବର ଜୋନ୍‌ର ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ୨୩ନମ୍ବର ଜୋନ୍‌ର ଜିଲାପରିଷଦ ସଦସ୍ୟା କସ୍ତୁରୀବାଳା ପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ସାହୁ, ପଞ୍ଚାନନ ସାହୁ, ଖବରଦାତା ଅଜିତ୍ ଦାସ, ମୃତ୍ୟୁଞ୍ଜୟ ନାୟକ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ପ୍ରଦୀପ ମାହାନା ଏବଂ କାର୍ତ୍ତିକ ସାହୁ ଖେଳରେ ସ୍କୋର ବୋର୍ଡ଼ ଦାୟିତ୍ୱ ଗ୍ରହଣ କରିଥିଲେ। ମାନସ ସାହୁ, ଦୀପୁ ମାହାନା, ସରୋଜ ଦଣ୍ଡପାଟ, ଗୌତମ ସାହୁ, ସୁବାସ ମହାନ୍ତି, ପ୍ରିଷ୍ଟ ସାହୁ, ଶ୍ରୀତମ ସାହୁ, ଲଲାଟେନ୍ଦୁ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କେ-ୱାରିୟର୍ସର ଟାଏକୋଣ୍ଡୋ ପରୀକ୍ଷା

କେନ୍ଦୁଝର, ୧୪।୨(ଡି.ଏନ୍.ଏ.): କେ-ୱାରିୟର୍ସ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ରବିବାର ୧ମ-ବ୍ଲାକ ବେଲ୍ଟ ଓ ୨ୟ-କଲର ବେଲ୍ଟ ପରୀକ୍ଷା ଏକାଡେମୀ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ତିନିଜଣ ପରୀକ୍ଷାର୍ଥୀ ଅଦମ୍ୟ ଅଭିଜିତ ରାୟ, ଆୟୁଷ କୁମାର ପୃଷ୍ଟି ଓ ଦେବୀରୂପା ଦୀକ୍ଷିତ ବ୍ଲାକ ବେଲ୍ଟ ଏବଂ ୫୦ରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକ କଲର ବେଲ୍ଟ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିରେ ଓଡିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମଦନ ମୋହନ ଭଞ୍ଜ ପରୀକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଏମ.ଡି. ରମଜାନ(କୁନୁ ସାର) ଓ ମୌଳିକ କୁମାର ମହାନ୍ତ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୃତୀ ପରୀକ୍ଷାର୍ଥୀଙ୍କୁ ଶ୍ରୀ ଭଞ୍ଜ ବ୍ଲାକବେଲ୍ଟ ଓ କଲର ବେଲ୍ଟ ପ୍ରଦାନ କରିଥିଲେ।

### ୧୭ରେ ହିତାଧିକାରୀଙ୍କୁ ମିଳିବ ଭତ୍ତା

ବାଲେଶ୍ୱର ଅଫିସ, ୧୪।୨: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲାରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ, ସ୍ୱାମୀ ପରିତ୍ୟକ୍ତା, ଅବିବାହିତ ଓ ଅସହାୟ ମହିଳାଙ୍କୁ ପ୍ରତିମାସ ୧୫ତାରିଖରେ ଭତ୍ତା ପ୍ରଦାନ କରାଯାଇଆସୁଛି। ତେବେ ଚଳିତ ଫେବୃୟାରୀ ୧୫ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଥିବା ପରିପ୍ରେକ୍ଷୀରେ ଏହାକୁ ସ୍ଥଗିତ ରଖାଯାଇ ଫେବୃୟାରୀ ୧୭ତାରିଖରେ ଭତ୍ତା ପ୍ରଦାନ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ସମସ୍ତ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଜିଲାର ବିଭିନ୍ନ ବ୍ଲକରେ ଆସନ୍ତା ୧୭ତାରିଖରେ ଉକ୍ତ ଭତ୍ତା ପ୍ରଦାନ ପାଇଁ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଭତ୍ତା ପାଉଥିବା ହିତାଧିକାରୀମାନେ ଫେବୃୟାରୀ ୧୫ ପରିବର୍ତ୍ତେ ୧୭ ତାରିଖରେ ସେମାନଙ୍କ ପଞ୍ଚାୟତ କାର୍ଯ୍ୟାଳୟରୁ ପାଇପାରିବେ ବୋଲି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ଅଧିକାରୀ ସନ୍ତୋଷ କୁମାର ସାବତ ସୂଚନା ଦେଇଛନ୍ତି। ଫେବୃୟାରୀ ୧୫ ତାରିଖରେ ହିତାଧିକାରୀମାନେ ଭାରତ ବନ୍ଦ ଯୋଗୁ ଭତ୍ତା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ଥିବାରୁ ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

### ବିଦ୍ୟୁତ୍ କାର୍ଯ୍ୟାଳୟରେ ସାଧାରଣ ବୈଠକ

କେନ୍ଦୁଝର,୧୪।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ବିଦ୍ୟୁତ କାର୍ଯ୍ୟାଳୟର ସାଧାରଣ ବୈଠକ ସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂଘର ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ଯୋଗଦେଇଥିବା ବେଳେ କେନ୍ଦୁଝର ଶାଖାର କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ତ୍ରିଲୋଚନ ମହାରଣା, ପଙ୍କଜ କୁମାର ଜେନା, ସଞ୍ଜିବ ଗିରି, ରଞ୍ଜନ ମହାନ୍ତି, ଆଶିଷ କୁମାର ମହାପାତ୍ର, ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା।

# ମିନି ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା



ସାଧାରଣ ସଭାରେ ମିନି ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧୪।୨**

ବାଲେଶ୍ୱର ସହର ତାମୁଳିଆ ଫାଟକସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ମା' ତାରିଣୀ ମିନିଟ୍ରକ୍ ମାଲିକ ସଂଘର ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି।

ସଭାରେ ସଂଘର ବରିଷ୍ଠ ସଦସ୍ୟ ବସନ୍ତ କୁମାର ଦାସ ଅଧ୍ୟକ୍ଷତା କରି ନୂତନ କର୍ମକର୍ତ୍ତା ଚୟନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ଉପଦେଷ୍ଟା ଅଜୟ ବିଶ୍ୱାଳ ଉଦ୍‌ବୋଧନ ଦେଇ ସଂଘ ପ୍ରତି ସଦସ୍ୟମାନେ ଆନୁଗତ୍ୟ ପ୍ରକାଶ କରି ଗୋଟିଏ ପତାକା ତଳେ ଏକଜୁଟ୍ ହୋଇ ରହିଲେ ବହୁ ଜଟିଳ ସମସ୍ୟା ସହଜରେ ସମାଧାନ ହୋଇପାରିବ ବୋଲି କହିଥିଲେ। ସଭା ପରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ମୁଖ୍ୟ ଉପଦେଷ୍ଟା ଭାବେ ଅଜୟ ବିଶ୍ୱାଳ, ସଭାପତି ବରିଷ୍ଠ ଖବରଦାତା ରଞ୍ଜନ ବାଗ, ଉପସଭାପତି ଶଶୀଧର ନାଥ, ସମ୍ପାଦକ ବସନ୍ତ କୁମାର ଦାସ, ସହ ସମ୍ପାଦକ ସନ୍ତୋଷ କୁମାର ନାୟକ ଏବଂ କୋଷାଧ୍ୟକ୍ଷ ଭାବରେ ଦେବେନ୍ଦ୍ର ପରିଡ଼ାଙ୍କ ସହିତ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ୧୫ଜଣଙ୍କୁ ମନୋନୀତ କରାଯାଇଥିଲା। ଏହି ଅବସରରେ ଟ୍ରକ୍ ମାଲିକ ସଂଘର ବରିଷ୍ଠ ସଦସ୍ୟ ପରମେଶ୍ୱର ସାହୁ, ଦେବେନ୍ଦ୍ର ପରିଡ଼ା, ନିରୋଧ ମହାନ୍ତି, ହିରେନ୍ଦ୍ର ନାୟକ, ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ମିନିଟ୍ରକ୍ ମାଲିକ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ କ୍ରିକେଟ: କେନ୍ଦୁଝର ଚାମ୍ପିୟନ

**ଉଦଳା,୧୪।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆୟୋଜିତ ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ (ସିପ୍ରନ୍ କପ୍) ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଲେଶ୍ୱର ଏକାଦଶକୁ ହରାଇ କେନ୍ଦୁଝର ଚାମ୍ପିୟନ ହୋଇଥିଲା। ଟସ୍ ଜିତି ବାଲେଶ୍ୱର ଏକାଦଶ ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୧୦ ୱିକେଟ ହରାଇ ୨୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁଝର ଦଳ ୩୦ ଓଭରରେ ୮ ୱିକେଟ ହରାଇ ୨୨୩ ରନ୍ କରି ଚାମ୍ପିୟନ ହୋଇଥିଲା । ସୁଜିତ ବାରିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସବ୍ୟସାଚୀ ଆଚାର୍ଯ୍ୟ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇ ଟ୍ରଫି ଗ୍ରହଣ କରିଥିଲେ ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ସଙ୍ଗଠନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ, ଉପସଭାପତି ଗିରିଶ ଚନ୍ଦ୍ର ଦାସ, କଳିଙ୍ଗ କେଶରୀ ଜେନା, ଇଂ. ମାନସ ମହାନ୍ତି, ଅଧ୍ୟାପକ ଡ. ରମେଶ ଚନ୍ଦ୍ର ନାୟକ, ଅଶୋକ ଦାସ, ଦେବବ୍ରତ ମହାପାତ୍ର, ବିକାଶ ରଞ୍ଜନ ବାରିକ ମଞ୍ଚାସୀନ ହୋଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ରାଶି ପ୍ରଦାନ କରିଥିଲେ । ପ୍ରାଣକୃଷ୍ଣ ଜେନା ଏବଂ ଦିଲ୍ଲୀପ ଦାସ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ପ୍ରମୋଦ ପଣ୍ଡା ଓ ଡିକେନ୍ସ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଫାଇନାଲ ମ୍ୟାଚକୁ ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଏସଡିସି ଚେୟାରମ୍ୟାନ୍ ଦେବାଶିଷ ମାରାଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ହିମାଦ୍ରି ଶେଖର ପାଲ ମଞ୍ଚ ପରିଚାଳନା କରିଥିଲେ । ରାଜୁ ଦାସ, ସତ୍ୟନାରାୟଣ ପାଢ଼ୀ, ସଞ୍ଜୀବ ଭୋଳ, ରାମଚନ୍ଦ୍ର ବେହେରା ପ୍ରମୁଖ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ଖବରଦାତା ସନ୍ତୋଷ କୁମାର ବାଛିନୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ମୋ ସ୍କୁଲ ଅଭିଯାନକୁ ଅର୍ଥ ଦାନ

ବାହାନଗା, ୧୪।୨(ଡି.ଏ.ନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପାଇକାପ୍ତା ଗ୍ରାମର ଥିବା ବିଷ୍ଣୁମୋହନ ସରକାରୀ ପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ସରକାରଙ୍କ ମୋ ସ୍କୁଲ୍ ଅଭିଯାନକୁ ଅର୍ଥ ଦାନ କରାଯାଇଛି। ବାହାନଗା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପୁରାତନ ଛାତ୍ର ସଂସଦର ସଭାପତି ବିଜୟ କୁମାର ମଣ୍ଡଳ ଓ ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ସଦସ୍ୟମାନେ ଶୁକ୍ରବାର ଏବିଇଓ ଉମାକାନ୍ତ ଦାସଙ୍କୁ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଅର୍ଥରେ ବିଦ୍ୟାଳୟର ପାନୀୟଜଳ ଯୋଗାଣ ସୁବିଧା କରାଯିବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଜୟନ୍ତ କୁମାର ବେହେରା, ସଦସ୍ୟ ସନ୍ତୋଷ କୁମାର ରଣା, ରମେଶ ଚନ୍ଦ୍ର ବେହେରା, ରବୀନ୍ଦ୍ର ବିଶ୍ୱାଳ ଓ ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନିଶାମୁକ୍ତ ଜିଲା ପାଇଁ କମ୍ପନ ପଦଯାତ୍ରା

ଭଦ୍ରକ ଅଫିସ, ୧୪।୨: ଭଦ୍ରକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ନିଶାମୁକ୍ତ ଜିଲା ଗଠନ ପାଇଁ କମ୍ପନ ପଦଯାତ୍ରା କରାଯାଇଥିଲା। ଜିଲାରେ ବେଧଡ଼କ ଦେଶୀମଦ, ବ୍ରାଉନସୁଗାର କାରବାର କରି ଛାତ୍ର ସମାଜକୁ ପଥଭ୍ରଷ୍ଟ କରୁଥିବା ବେପାରୀ ଓ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ ଦାବି କରିଛି ଛାତ୍ର କଂଗ୍ରେସ। ପଦଯାତ୍ରା ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ କର୍ମୀ ଓ ଛାତ୍ର ସଙ୍ଗଠକମାନେ ଏଥିରେ ସାମିଲ ହୋଇ ନିଶା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ରାଜ୍ୟ ଛାତ୍ର କଂଗ୍ରେସର ସଭାପତି ୟାସିର୍ ନୱାଜ, ଅଖିଳ ଭାରତ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ରୋଶନଲାଲ ବିଟ୍ଟୁ, ଛାତ୍ର କଂଗ୍ରେସ ମୁଖପାତ୍ର ନିହାର ରଞ୍ଜନ ବେହେରା, ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ନଳିନୀ ମହାନ୍ତି, ଦିଗମ୍ବର ଦାସ, ବିଦ୍ୟାଧର ଜେନା, ହେମନ୍ତ ମହାପାତ୍ର, ନଫିଜ ଖାଁ ପ୍ରମୁଖ ସାମିଲ ଥିଲେ।

### ଆମରଣ ଅନଶନ ପରେ ରୁଜୁ ହେଲା ମାମଲା

ହାଟଡିହୀ,୧୪।୨(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ଥାନା ସଙ୍ଗମ ଗ୍ରାମର ଦୁଇ ପରିବାର ନ୍ୟାୟ ପାଇଁ ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଶୁକ୍ରବାରରୁ ଆମରଣ ଅନଶନ କରିଥିଲେ। ଶନିବାର ଉପଜିଲାପାଳ ସରୋଜ କୁମାର ଦତ୍ତଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର ହୋଇଥିଲା। ଉପଜିଲାପାଳ ଦତ୍ତଙ୍କ ନିର୍ଦ୍ଦେଶ ଅନୁସାରେ ସୋସୋ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ଶେଷରେ ରମ୍ଭା ପାତ୍ର ଙ୍କ ଅଭିଯୋଗ ଆଧାରରେ ପୋଲିସ ୧୬ଜଣଙ୍କ ନାମରେ ଏକ ମାମଲା (ନଂ.୧୦/୨୦୨୧) ରୁଜୁ କରିଛି।

### ବିଦ୍ୟୁତ ସଂସ୍ପର୍ଶରେ ହୋମଗାର୍ଡଙ୍କ ମୃତ୍ୟୁ

ରୂପ୍‌ସା, ୧୪।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଅନ୍ତର୍ଗତ ରୂପ୍‌ସା ଥାନାରେ କାର୍ଯ୍ୟରତ ହୋମଗାର୍ଡ଼ ପ୍ରଫୁଲ୍ଲ ସାହୁ (୫୪) ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୃତ ହୋମଗାର୍ଡ଼ଙ୍କ ଘର ରୂପ୍‌ସା ଥାନା ପିଣ୍ଡାବଣିଆ ଗ୍ରାମରେ। ସେ ଶନିବାର ରାତିରେ ଘରବାଡ଼ି କାମ କରୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ରୂପ୍‌ସା ଥାନା ପୋଲିସ ରବିବାର ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଗ୍ରାମ୍ୟ ପାର୍କର ଭିତ୍ତିପ୍ରସ୍ତର

ଭଣ୍ଡାରିପୋଖରୀ,୧୪।୨(ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ବୁଢ଼ି ଜାଗୁଲାଇ ପୀଠକୁ ଲାଗି ପ୍ରାୟ ୩ ଏକର ଜାଗାରେ ଏକ ଗ୍ରାମ୍ୟ ପାର୍କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଣିତକାନ୍ତ ସାମଲ, ସରପଞ୍ଚଙ୍କ ପ୍ରତିନିଧି ରାମଚନ୍ଦ୍ର ସେନାପତି, ପ୍ରିତିଶ ରଞ୍ଜନ ନାୟକ, ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ଦାସ, ଜୟଶ୍ରୀ କର, ସତ୍ୟନାରାୟଣ ପାତ୍ର, ସାମାଜିକ କର୍ମୀ ହେମନ୍ତ ଜେନା, ଦିଲୀପ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୯.୫୦ ଲକ୍ଷ ବ୍ୟୟରେ ପାର୍କ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସହକାରୀ ଯନ୍ତ୍ରୀଙ୍କ ସୂତ୍ରରୁ ପ୍ରକାଶ।

# 'ନିର୍ଦ୍ଦିଷ୍ଟ ସମୟରେ ଯୋଜନା କାର୍ଯ୍ୟକାରୀ କର'

**ଜିଲା ଯୋଜନା କମିଟି ବୈଠକ**

ବାଲେଶ୍ୱର ଅଫିସ, ୧୪।୨



ବୈଠକରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ଭୋଗରାଇ ବିଧାୟକ ଅନନ୍ତ ଦାସ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଯୋଜନା କମିଟିର ବୈଠକ ରବିବାର ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରି ଜିଲାର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲା ଯୋଜନା କମିଟିକୁ ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲା ପରିଷଦ ସଦସ୍ୟା/ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଏହାପରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ଜିଲାର ବିଭିନ୍ନ ଅଞ୍ଚଳରେ ଖର୍ଚ୍ଚ ପାଇଁ ୨୫ଟି ବିଭାଗ ପକ୍ଷରୁ ପ୍ରାୟ ୨୦୦୧କୋଟି ଟଙ୍କାର ଯୋଜନା ଅଟକଳ ପ୍ରସ୍ତୁତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଜିଲା ପରିଷଦ ସଭାପତି ନିବେଦିତା ମହାନ୍ତି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜଳେଶ୍ୱର ବିଧାୟକଙ୍କ ପ୍ରତିନିଧି ମାନସ ଜେନା, ରେମୁଣା ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ବିଶ୍ୱାଳ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଜିଲା ଯୋଜନା କମିଟି ସଦସ୍ୟା-ସଦସ୍ୟ, ବରିଷ୍ଠ ବିଭାଗୀୟ ଅଧିକାରୀ ଏଥିରେ ଯୋଗଦେଇ ବିଭିନ୍ନ କ୍ଷେତ୍ର ଲାଗି ପ୍ରସ୍ତୁତ ହୋଇଥିବା ଯୋଜନାର ଅଟକଳ ଏବଂ ବିଗତବର୍ଷରେ ଖର୍ଚ୍ଚ ହୋଇଥିବା ଅନୁଦାନ ସମ୍ପର୍କରେ ଆଲୋଚନା କରିଥିଲେ।

କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଦାସ ଯୋଜନାର ସଫଳ ରୂପାୟନ ପୂର୍ବକ ଜିଲାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଜନାକୁ କାର୍ଯ୍ୟକାରୀ କରାଯିବା ଏବଂ ପାଣ୍ଠିର ସଫଳ ବିନିଯୋଗ ପ୍ରମାଣପତ୍ର ଦାଖଲ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ମତ୍ସ୍ୟ ଚାଷ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ରାସ୍ତା ଓ ଗୃହ ନିର୍ମାଣ, କୃଷିକ୍ଷେତ୍ରରେ ହେଉଥିବା ବିଭିନ୍ନ ଯୋଜନାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚାଇବା, ସର୍ବଶିକ୍ଷା ଅଭିଯାନର କାର୍ଯ୍ୟକାରିତା, ସମବାୟ, ପଶୁପାଳନ, ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ଧାର୍ଯ୍ୟ ସମୟରେ ପ୍ରୋତ୍ସାହନ ରାଶି ପ୍ରଦାନ, ଏମ୍‌ପି ଏବଂ ବିଧାୟକ ପାଣ୍ଠିର ସୁବିନିଯୋଗ, ଜିଲାରେ ଜାରି ରହିଥିବା ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଜଳସେଚନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରସ୍ତାବିତ ବିଭିନ୍ନ ପ୍ରକଳ୍ପ, ସହର ବିକାଶ, ପରିମଳ, ମହିଳା ଏବଂ ଶିଶୁ ବିକାଶ, ସଂସ୍କୃତି, ସାମାଜିକ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଆଦି ବିଭାଗର ପ୍ରସ୍ତୁତ ଯୋଜନା ସମ୍ପର୍କରେ ସଦସ୍ୟମାନେ ଆଲୋଚନା କରିଥିଲେ। ଗୃହର ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀମାନେ ନିଜ ବିଭାଗ ଦ୍ୱାରା ଜିଲାରେ କରାଯିବାକୁ ଥିବା ପ୍ରକଳ୍ପ ତଥା କାର୍ଯ୍ୟକ୍ରମର ତଥ୍ୟ ଉପସ୍ଥାପନ କରିଥିଲେ। ଉପନିର୍ଦ୍ଦେଶକ(ଯୋଜନା ଓ ପରିସଂଖ୍ୟାନ)ସବ୍ୟସାଚୀ ଦତ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା

ଭଦ୍ରକ ଅଫିସ,୧୪।୨

ସ୍ୱାମୀଙ୍କ ଅନୁପସ୍ଥିତିରେ ଦିଅର ଗାଳିଗୁଲଜ କରିବା ସହ ମାଡ଼ ମାରିବା ଓ ହତ୍ୟା ଉଦ୍ୟମ କରିଥିବା ନେଇ ଅଭିଯୋଗ କରିଥିଲେ। ଏ ନେଇ ବାସୁଦେବପୁର ଥାନାରେ ମାମଲା ରୁଜୁ ହୋଇଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନାହିଁ। ଏଣୁ ନ୍ୟାୟ ପାଇଁ ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ମନ୍ଦାରୀ ପ୍ରବୋଧପୁର ଗ୍ରାମର କବିତା ମଲିକ ନାମ୍ନୀ ଜଣେ ମହିଳା। ସେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପିଲାଙ୍କ ସହ ଶାଶୁଘରେ ରହିଆସୁଥିବା ବେଳେ ଦିଅର ଓ ଯାଆ ତାଙ୍କୁ ନିର୍ଯାତନା ଦେଉଥିଲେ। କିଛିଦିନ ତଳେ ପାରିବାରିକ କନ୍ଦଳକୁ ନେଇ ଦିଅର ପ୍ରଶାନ୍ତ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ଘରେ ନିଆଁ ଲଗାଇ ମାରି ଦେବାକୁ ଉଦ୍ୟମ କରିଥିଲେ। ଏ ନେଇ ବାସୁଦେବପୁର ଥାନାରେ ସେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୩୫/୨୧) ରୁଜୁ କରାଯାଇଛି। କିନ୍ତୁ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଘଟଣାର ତଦନ୍ତ କରି ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।

# ୧୭ରେ ବରିଷ୍ଠ ମହିଳା,ପୁରୁଷ ଭଲିବଲ ଖେଳାଳି ଚୟନ

ବାରିପଦା ଅଫିସ,୧୪।୨

ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜିଲାର ବରିଷ୍ଠ ମହିଳା ଓ ପୁରୁଷ ଭଲିବଲ ଚୟନ ଶିବିର ଆସନ୍ତା ୧୭ ତାରିଖରେ କଲେଜ ପଡ଼ିଆଠାରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟାରେ ବାରିପଦା ଷ୍ଟାଡିୟମର ଆସୋସିଏସନ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରାଯିବ। ଉକ୍ତ ଚୟନ ଶିବିରରୁ ୧୨ ମହିଳା ଓ ୧୨ ପୁରୁଷ ଖେଳାଳି ଚୟନ କରାଯାଇ ମୟୂରଭଞ୍ଜ ଦଳ ଗଠନ କରାଯିବ। ଆସନ୍ତା ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଫୁଲବାଣୀଠାରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ଓ ବଉଦ ଜିଲାରେ ମହିଳା ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ଡିଏମ୍ୟୁ ଟ୍ରେନ ଚଳାଚଳ ବନ୍ଦ ନେଇ ଅସନ୍ତୋଷ

ବୈଶିଙ୍ଗା,୧୪।୨(ଡି.ଏନ୍.ଏ.)

କରୋନା ଯୋଗୁ ଦୀର୍ଘ ୧୧ ମାସ ହେଲା ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳର ଜନସାଧାରଣ ରେଳ ସେବାରୁ ବଞ୍ଚିତ ହୋଇଛନ୍ତି। ଡିଏମ୍ୟୁ ଟ୍ରେନ ଚଳାଚଳ ବନ୍ଦ ହୋଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୦୬ରୁ ଏହି ଅଞ୍ଚଳରେ ରେଳସେବା ଆରମ୍ଭ ହେବା ପରଠାରୁ ଦୈନିକ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ବାରିପଦାରୁ କାର୍ଯ୍ୟସ୍ଥଳୀ ବାଲେଶ୍ୱର ତଥା ଅନ୍ୟାନ୍ୟ ସ୍ଥାନକୁ ଯାତାୟାତ କରିଥାନ୍ତି। ଡିଏମ୍ୟୁ ଟ୍ରେନ ନଂ. ୭୮୦୧୬ ଓ ନଂ. ୭୮୦୧୭ ଦୈନିକ ୪ ଥର ଏହି ରୁଟ୍‌ରେ ଚଳାଚଳ କରିଥାଏ। ବେତନଟୀ, ଯୁଗଳ ଓ ଜୁଗପୁରାଠାରୁ ବାଲେଶ୍ୱର ଏବଂ ବାରିପଦାକୁ ଯାତ୍ରୀ ଭଡ଼ା ୧୦ ଟଙ୍କା ପଡ଼ିଥାଏ। କିନ୍ତୁ ରେଳ ଚଳାଚଳ ବନ୍ଦ ହେବା ପରେ ବସ୍‌ରେ ୪୦ ଟଙ୍କା ଭଡ଼ା ଲାଗୁଥିବାରୁ କୃଷି, ନିର୍ମାଣ ଓ ଇଟାଭାଟି ଶ୍ରମିକଙ୍କ ସମେତ ମତ୍ସ୍ୟଜୀବୀ ମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। କରୋନା କାରଣରୁ ଗତବର୍ଷ ମାର୍ଚ୍ଚ ୨୫ରୁ ବେତନଟୀ, ବୈଶିଙ୍ଗା, ଯୁଗଳ, ସନ୍ତରା, ଆମ୍ବଗଡ଼ିଆ, ରଘୁପୁର, ମେରଦା ଆଦି ପଞ୍ଚାୟତ ଅଞ୍ଚଳର ଲାଇଫ୍ ଲାଇନ କୁହା ଯାଉଥିବା ଏହି ଡିଏମ୍ୟୁ ଟ୍ରେନ ଦୁଇଟି ବନ୍ଦ ହୋଇଯିବା ଫଳରେ ସାଧାରଣ ଲୋକଙ୍କ ଜୀବନ ଜୀବିକା ବିପନ୍ନ ହୋଇ ପଡ଼ିଛି। ଏ ସମ୍ପର୍କରେ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ପଚାରିବାରୁ ତୁରନ୍ତ ସମସ୍ୟା ସମାଧାନ ଲାଗି ରେଳ ବିଭାଗର ଡି.ଆର୍.ଏମ୍‌ଙ୍କ ସହ ଆଲୋଚନା କରି ବନ୍ଦ ହୋଇଥିବା ଡିଏମ୍ୟୁ ଟ୍ରେନ ଚଳାଚଳ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ରାତି ଅଧିଆ ଗୋଚାଲାଣ, ପ୍ରଶାସନ ନୀରବ

କୁଆମରା,୧୪।୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲାର ବିଭିନ୍ନ ହାଟରୁ ପଡ଼ୋଶୀ ରାଜ୍ୟକୁ ରାତି ଅଧିଆ ଗୋରୁ ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉଦଳା ଉପଖଣ୍ଡରୁ ପ୍ରତି ସପ୍ତାହରେ ପଶ୍ଚିମବଙ୍ଗର କଂସେଇଖାନାକୁ ଦଲାଲମାନଙ୍କ ସହାୟତାରେ ଗୋରୁ ଚାଲାଣ ହେଉଛି। ପିକ୍‌ଅପ୍ ଭ୍ୟାନ୍‌ରେ ୮ରୁ ୧୦ଟି ଗୋରୁ ଭର୍ତ୍ତି କରି ନିଆଯାଉଛି। ଭୋକ ଉପାସରେ ଗୋରୁଗୁଡ଼ିକୁ ଦିନ ଦିନ ଧରି ରଖା ଯାଉଛି। ଏହି ରାସ୍ତା ପାର୍ଶ୍ୱରେ ଥିବା ୩ଟି ଫାଣ୍ଡି ଓ ଗୋଟିଏ ଥାନା ଦେଇ ଗୋ ଚାଲାଣ ହେଉଥିବା ବେଳେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ଏହି ବେଆଇନ ଗୋ ଚାଲାଣ ରୋକିବା ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ଛାତ୍ରୀଙ୍କ ତରଫରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଖଇରା, ୧୪।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ସହଯୋଗରେ ସଡକ ସୁରକ୍ଷା ମାସ ପାଳନ ଅବସରରେ ଶନିବାର ସଭା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜାତୀୟ ସେବା ସଂସ୍ଥାର ପରିଚାଳିକା ଜ୍ୟୋସ୍ନାବାଳା ଦାସଙ୍କ ନେତୃତ୍ୱରେ ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ନହଙ୍ଗ ଗ୍ରାମ ପରିକ୍ରମା କରି 'ସଡ଼କ ସୁରକ୍ଷା ଜୀବନ ରକ୍ଷା', 'ହେଲମେଟ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ' ଭଳି ସଚେତନତା ସ୍ଲୋଗାନ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସୋର-କୁପାରୀ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ବୁଝାଇଥିଲେ। ପରେ ଅଧ୍ୟକ୍ଷା ଅନିତାରାଣୀ ନାୟକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଯୁବ ରେଡକ୍ରସ ଦାୟିତ୍ୱରେ ଥିବା ଅଧ୍ୟାପିକା ଅଳକାନନ୍ଦା ସାହୁ, ବସନ୍ତ କୁମାର ସୂତାର, ଗାୟତ୍ରୀ ଦାସ, କସ୍ତୁରୀ କନିକା ଦାସ ଓ ରମା ଦାସ ପ୍ରମୁଖ ବକ୍ତା ଭାବେ ଯୋଗଦେଇ ସଡକ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ।

# ବଡ଼ଗୁମା ଟାଇଟଲ ବିଜୟୀ

**ଅଗ୍ରଗାମୀ ଟି ୧୦ କ୍ରିକେଟ୍**

ରୂପ୍‌ସା, ୧୪।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ନୀଳବାଡ଼ି ଅଗ୍ରଗାମୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃ ଜିଲା ଟି-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଶେଷ ହୋଇଛି। ବାଲେଶ୍ୱରର ଲୁମିନସ କ୍ଲବ ଓ ମୟୂରଭଞ୍ଜର ବଡ଼ଗୁମା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଲୁମିନସ କ୍ଲବ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୩ ଓଭର ଖେଳରେ ୮୮ ରନ୍‌ରେ ଦଳ ଅଲଆଉଟ୍ ହୋଇଯାଇଥିଲା। ଜବାବରେ ବଡ଼ଗୁମା ଦଳ ୭.୩ ଓଭର ଖେଳି ୯୧ରନ୍ କରି ବିଜୟ ହାସଲ କରିଥିଲା। ବଡ଼ଗୁମା ଦଳର ଖେଳାଳି ରାଜା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଚକା ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଅମ୍ପାୟର କୃଷ୍ଣନିଧି ଦେ ଓ ମଧୁସୂଦନ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। କ୍ଲବ ସଭାପତି ପ୍ରଫୁଲ୍ଲ ଦାସଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସରପଞ୍ଚ ମାୟାଧର ମଣି, ସମ୍ମାନନୀୟ ଅତିଥି ଭାବେ ସମାଜସେବୀ ହରେକୃଷ୍ଣ ପାଳ, ବ୍ୟବସାୟୀ ସାଜନ ମଲିକ ଓ ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୩୬୦୦ ଟଙ୍କା ଓ ରନର୍ସଅପ୍ ଦଳକୁ ୨୮୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମୃତ୍ୟୁଞ୍ଜୟ ଦାସ ଓ ରଣଜିତ ଦେ ସ୍କୋରିଂ ଦାୟିତ୍ୱରେ ଥିଲେ। କାର୍ତ୍ତିକେଶ୍ୱର ପ୍ରଧାନ, ରବୀନ୍ଦ୍ର ଦାସ, ନିମାଇଁ ଦାସ, ପ୍ରଦୀପ ନନ୍ଦୀ ଓ ପ୍ରତାପ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସଅପ୍ ଦଳର ଖେଳାଳି।

# ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକ ମେଳା

କେନ୍ଦୁଝର, ୧୪।୨(ଡି.ଏନ୍.ଏ.): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଅଧୀନ ପଶୁ ଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ମିଳିତ ଉଦ୍ୟମରେ ଘଟଗାଁ ବ୍ଲକ ଅନ୍ତର୍ଗତ ରାଇକୁଦର ଗ୍ରାମଠାରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକ ମେଳାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ। ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଉପସ୍ଥିତ ଚାଷୀମାନଙ୍କୁ ପ୍ରକଳ୍ପ ତରଫରୁ ବିକଶିତ ଉନ୍ନତ କୃଷି ଯନ୍ତ୍ରପାତି ଯଥା ଓୟୁଏଟି ମୋଡ ପତ୍ର ଲଙ୍ଗଳ, ଉନ୍ନତ ଜୁଆଳି, ମଞ୍ଜିବୁଣା ଯନ୍ତ୍ର, କାଦୁଅ କରିବା ଯନ୍ତ୍ର ଇତ୍ୟାଦି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସୁକାନ୍ତ କୁମାର ସାହୁ, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ କାର୍ତ୍ତିକ ଚନ୍ଦ୍ର ସେଠୀ, ଘଟଗାଁ ସହକାରୀ କୃଷି ଯନ୍ତ୍ରୀ ଇଂ ସମର ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷିଭିତ୍ତିକ ଯୋଜନାର ସଫଳତା ଉପରେ ଗୁରୁତ୍ୱ

- ଜିଲାସ୍ତରୀୟ କୃଷିମେଳା ଉଦ୍‌ଘାଟିତ
- ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଗାଡ଼ି ଲୋକାର୍ପିତ

ସଜନାଗଡ, ୧୪।୨(ଡି.ଏନ.ଏ.)


କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କୃଷିମେଳାକୁ ଉଦ୍‌ଘାଟନ କରୁଛନ୍ତି।

କୃଷିକ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ଓ ଲୋକାଭିମୁଖୀ କରିବା ପାଇଁ ରବିବାର ବାଲେଶ୍ୱର ଜିଲା ନୀଳଗିରି ଡାକବଙ୍ଗଳା ପରିସରରେ ଦୁଇଦିନିଆ ଜିଲାସ୍ତରୀୟ କୃଷିମେଳା ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କୃଷକମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟର ସୁଫଳ ଆମେ ଯେପରି ପାଉଛୁ, ସେହିପରି ସେମାନଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କୃଷିଭିତ୍ତିକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ଆଧୁନିକ ପ୍ରଣାଳୀ, ବୈଷୟିକ ଜ୍ଞାନକୌଶଳ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଯୋଗୁ କୃଷକମାନେ ବିଶେଷ ଉପକୃତ ହୋଇପାରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଗାଡିକୁ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହି ଗାଡି ବିଭିନ୍ନ ଗାଁରେ ପହଞ୍ଚି ବିଭିନ୍ନ ଚାଷଜମିରୁ ମାଟିର ନମୁନା ସଂଗ୍ରହ କରିବେ। ରିପୋର୍ଟ ଆଧାରରେ ସାର ପ୍ରୟୋଗ କରି ଚାଷୀମାନେ ମୃତ୍ତିକା ସୁରକ୍ଷା ଓ ଅଧିକ ଅମଳ ପାଇପାରିବେ। ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ତରରେ ବିଭିନ୍ନ କୃଷିଭିତ୍ତିକ ଯୋଜନାକୁ ଚାଷୀମାନଙ୍କ ନିକଟରେ ପହଞ୍ଚାଇପାରିଲେ ଏହାର ସୁଫଳ ଆମେ ସମସ୍ତେ ପାଇପାରିବା ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ପ୍ରୋଗ୍ରାମ କୋର୍ଡିନେଟର (କେଭିକେ) ସୁନୀଲ କୁମାର ମହାପାତ୍ର, ନୀଳଗିରି ଏସ୍‌ଡିଭିଓ ପତିତପାବନ ବଳ, କୃଷି ଜିଲା ଅଧିକାରୀ (ଏଡିଓ) ସଞ୍ଜୟ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବରହମପୁର ସହକାରୀ କୃଷି ଅଧିକାରୀ ନୀଳିମା ପ୍ରିୟଦର୍ଶିନୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ନୀଳଗିରି ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନ ପୂର୍ବରୁ ଅତ୍ୟାଧୁନିକ କୃଷି ବିଭାଗ, ଏହାର ଆନୁଷଙ୍ଗିକ ବିଭାଗ ଏବଂ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ମେଳାରେ ଖୋଲାଯାଇଥିବା ୧୭ଟି ଷ୍ଟଲକୁ କେନ୍ଦ୍ରମନ୍ତ୍ରୀ ଓ ବିଧାୟକ ପରିଦର୍ଶନ କରିଥିଲେ।

## ସଂକ୍ଷେପରେ

### ଅଜୟ ହେଲେ ଖଦି ବୋର୍ଡ ସଭ୍ୟ



ଭଦ୍ରକ ଅଫିସ,୧୪।୨: ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡର ନୂତନ ସଭ୍ୟ ଭାବେ ଭଦ୍ରକ କଲେଜରୋଡର ସାମାଜିକ କର୍ମୀ ଅଜୟ ନାୟକ ମନୋନୀତ ହୋଇଛନ୍ତି। ସେ ଏବେ ଅସ୍ତ୍ରୋପଚାର ପାଇଁ ହାଇଦ୍ରାବାଦସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଗେଷ୍ଟ୍ରୋଲୋଜି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କର ଆରୋଗ୍ୟ କାମନା କରି ତିହିଡ଼ି ସାହିତ୍ୟ ସାଂସ୍କୃତିକ ମଞ୍ଚ, ଭଦ୍ରକ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ, ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପ୍ରମୁଖ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ପକ୍ଷରୁ ବିଭିନ୍ନ ମନ୍ଦିରରେ ସମୂହ ଦୀପଦାନ, ପୂଜାର୍ଚ୍ଚନା କରାଯାଇଛି।

### ଲୁହାପଥର ଚୋରା ଚାଲାଣ: ୨ଟ୍ରକ, ଗୋଟିଏ ଜେସିବି ଜବତ



କେନ୍ଦୁଝର ୧୪।୨ (ସ୍ୱ.ପ୍ର.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ କାଦକଳା ଗ୍ରାମ ନିକଟ ଖଣ୍ଡାଧାର ପାହାଡ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ବେଆଇନ ଲୁହାପଥର ଚୋରା ଚାଲାଣ ଚାଲିଛି। ଗତ ଶନିବାର ରାକମ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରୁ ଉଚ୍ଚ ମାନର ଲୁହାପଥର ଚୋରି କରାଯାଇ ଚାଲାଣ ହେଉଥିବା ବେଳେ ବନ ବିଭାଗ ଲୁହାପଥର ବୋଝେଇ ୨ଟି ଟ୍ରକ ଏବଂ ଗୋଟିଏ ଜେସିବି ଜବତ୍ କରିଛି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଭୂୟାଁ ଓ ଜୁଆଙ୍ଗ ପୀଢ (ବିଜେପି) ରେଞ୍ଜ, ସଦର ରେଞ୍ଜ ଏବଂ ଚମ୍ପୁଆ ରେଞ୍ଜର ବନ କର୍ମଚାରୀଙ୍କ ମିଳିତ ଚଢ଼ାଉରେ ଏହି ସବୁ ଗାଡି ଜବତ ହୋଇଛି। ଏହି ଲୁହାପଥର ପାଖ ସୁନ୍ଦରଗଡ ଜିଲାର ବିଭିନ୍ନ କ୍ରସର ୟୁନିଟକୁ ଚାଲାଣ ହେଉଥିଲା ବୋଲି ପ୍ରାଥମିକ ସୂଚନାରୁ ଜଣାପଡିଛି।

### ଟେଣ୍ଡର ପକାଇବାକୁ ନେଇ ଗଣ୍ଡଗୋଳ

ହାଟଡିହି,୧୪।୨(ଡି.ଏନ.ଏ.):ଘାଟ ପାଇଁ ଟେଣ୍ଡର ପକାଇବାକୁ ନେଇ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଡିମିରିଆ ଗ୍ରାମରେ ଗଣ୍ଡଗୋଳ ଘଟିଛି। ଗ୍ରାମର ଚତୁର୍ଭୁଜ ମଲିକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ ୧୯/୨୧) ରୁଜୁ କରି ୧୧ ଜଣଙ୍କ ନାମରେ ମାମଲା ଦାଏର କରିଛି। ଅଭିଯୋଗ ଅନୁସାରେ ଅଭିଯୁକ୍ତ ମାନେ ବାଲି ଘାଟ ପାଇଁ ଟେଣ୍ଡର ପକାଇବାକୁ କେନ୍ଦ୍ର କରି ଚତୁର୍ଭୁଜଙ୍କ ଘରକୁ ଯାଇ ତାଙ୍କ ମୋଟରସାଇକେଲ ଭଙ୍ଗାରୁଜା କରିବା ସହ ଧମକ ଚମକ ଦେଇଥିଲେ। ଏହି ଘଟଣାରେ କୌଣସି ଅଭିଯୁକ୍ତ ଗିରଫ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର

ବାରିପଦା ଅଫିସ,୧୪।୨: ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦୀନକୃଷ୍ଣ ସାହୁ। ପୋଲିସ ସୂଚନା ଅନୁଯାୟୀ, ୭ ମାସ ପୂର୍ବେ ଅଭିଯୁକ୍ତ ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ। ପରେ ବିବାହ କରିବାକୁ ମନା କରିବାରୁ ଯୁବତୀ ଜଣକ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ଅଭିଯୁକ୍ତଙ୍କ ପରିବାର ଲୋକେ ପୀଡ଼ିତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ଲୋକେ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୪୧/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି।

# ଫୁଲ ଚାଷକୁ ମିଳୁନି ପ୍ରୋତ୍ସାହନ

- ନାହିଁ ବଜାର ସୁବିଧା
- ଚାହିଦା ଥିଲେ ବି ପ୍ରଶିକ୍ଷଣର ଅଭାବ
- ଜିଲାରେ ବାହାର ବେପାରୀ ଲାଭବାନ

କେନ୍ଦୁଝର, ୧୪।୨(ଡି.ଏନ.ଏ.)



ବଗିଚାରୁ ଫୁଲ ତୋଳୁଛନ୍ତି ମହିଳା।

କେନ୍ଦୁଝର ଜିଲାରେ ଉଦ୍ୟାନ ବିଭାଗର ଉଦାସୀନତା ଏବଂ କୃଷକମାନଙ୍କୁ ଆବଶ୍ୟକ ସଚେତନତା ଅଭାବରୁ ବାଡ଼ି ବଗିଚା ଓ ପତିତ ଜମିରେ ଫୁଲ ଚାଷ ପ୍ରତି କୃଷକମାନଙ୍କର ବିମୁଖତା ପରିଲକ୍ଷିତ ହୋଇଛି। ଯଦିଓ ଫୁଲ ଚାଷ ପାରମ୍ପାରିକ ଚାଷ ଅପେକ୍ଷା ଅଧିକ ଅର୍ଥକରୀ ତେବେ ବି ପ୍ରଶିକ୍ଷଣ, ପ୍ରୋତ୍ସାହନ ଏବଂ ପ୍ରସ୍ତୁତି ସମ୍ପର୍କରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଏହି ଚାଷ ଫଳପ୍ରଦ ହୋଇପାରୁ ନାହିଁ।

ଫୁଲ ଚାଷକୁ ଲକ୍ଷ୍ୟ କଲେ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ବିଶେଷ କରି ରଜନୀଗନ୍ଧା, ଅରକେଡ, ଜାରବେରା, ଗ୍ଲାଡିୟଲ, ବେବି, ଷ୍ଟାର, ଚନ୍ଦ୍ରମଲ୍ଲିକା, ଗୋଲାପ, ସେବତୀ, ସୋନୀ, ଗେଣ୍ଡୁ ଏବଂ ଅନ୍ୟାନ୍ୟ ଫୁଲ ଏହି ଜିଲାକୁ ଆମଦାନୀ ହୋଇ ଆସୁଛି। ଏଥିରେ ବାହାର ରାଜ୍ୟର ଫୁଲ ବ୍ୟବସାୟୀମାନେ ବେଶ୍ ଲାଭବାନ ହେଉଛନ୍ତି। ତେବେ କେନ୍ଦୁଝର ଜିଲାର ମୃତ୍ତିକା ଫୁଲଚାଷ ପାଇଁ ଅନୁକୂଳ। ଉଦ୍ୟାନ ବିଭାଗ ପକ୍ଷରୁ ଆଗ୍ରହୀ ଚାଷୀମାନଙ୍କୁ ଆବଶ୍ୟକ ତାଲିମ ଏବଂ ଫୁଲଚାଷ ପାଇଁ ଏକ ବାତାବରଣ ସୃଷ୍ଟି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ଯେଉଁ କେତେକ ବ୍ୟକ୍ତିବିଶେଷ ନିଜେ ଫୁଲଚାଷ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ସେମାନେ ଆବଶ୍ୟକ ପରାମର୍ଶ ଗ୍ରହଣ କରିପାରୁ ନାହାନ୍ତି। ଯେଉଁ କେତେଜଣ ଚାଷୀ ଫୁଲ ଚାଷ କରୁଛନ୍ତି ସେମାନଙ୍କ ପାଇଁ ବଜାର ସୁବିଧା ନାହିଁ। ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଅଭାବରୁ ଏହି ଅଞ୍ଚଳର ଚାଷୀ ଧାନ ଚାଷ ପରେ ଅନ୍ୟାନ୍ୟ ଲାଭଜନକ ଚାଷ କରି ପାରୁନାହାନ୍ତି। ବର୍ତ୍ତମାନ ସମୟରେ ଫୁଲର ଚାହିଦା ରହିଛି। ଚାଷୀ ଫୁଲ ଚାଷ ପ୍ରତି ମନ ବଳାଉଛନ୍ତି। ହେଲେ ଏହି ଚାଷ ପ୍ରତି ସେପରି ସୁବିଧା ମିଳୁନି। ବାଡ଼ି ବଗିଚାରେ ଫୁଲ ଆଗ ଭଳି ଫୁଟୁ ନାହିଁ। ଦୈନନ୍ଦିନ ପୂଜା ପାଠ ପାଇଁ ଆବଶ୍ୟକ ଫୁଲ ପାଇଁ ସକାଳୁ ସବୁଠି ଲୋକଙ୍କ ଭିଡ଼ ଜମିଥାଏ। ଆବଶ୍ୟକତା ଦୂର କରିବା ପାଇଁ ଫୁଲ କିଣିବାକୁ ପଡୁଛି। କେନ୍ଦୁଝର ସହରରେ କେତେକ ଚାଷୀ ଏବଂ ବେପାରୀ ଦୈନନ୍ଦିନ ରାସ୍ତାକଡ଼ରେ ଗେଣ୍ଡୁ ଫୁଲ ବିକ୍ରି କରିଥାନ୍ତି। ଭାଗ ୧୦ ଟଙ୍କାରେ ଗେଣ୍ଡୁ ବିକ୍ରି ହେଉଥିବାବେଳେ ସ୍ଥାନୀୟ ଫୁଲ ଆବଶ୍ୟକୀୟ ଚାହିଦା ପୂରଣ କରି ପାରୁ ନ ଥିବା ଯୋଗୁ କଲିକତାରୁ ଆସୁଥିବା ଗେଣ୍ଡୁ ବିକ୍ରି ହେଉଛି। ଜିଲାର ସଦର, ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଘଟଗାଁ ଆଦି ବ୍ଲକ ଅଞ୍ଚଳରେ ଫୁଲ ଚାଷ ପାଇଁ ପରିବେଶ ବେଶ ଅନୁକୂଳ। ଏହି ଅଞ୍ଚଳରେ ବହୁ ଚାଷୀ ନିଜ ବାଡ଼ି ବଗିଚାରେ ଫୁଲ ଚାଷ କରିଥାନ୍ତି। ଏହି ଫୁଲକୁ ନିଜେ କିମ୍ବା ବେପାରୀଙ୍କ ଜରିଆରେ ବିକିଥାନ୍ତି। ପ୍ରୋତ୍ସାହନ ମିଳିଲେ ବେଶି ଫୁଲ ଉତ୍ପାଦନ ହୋଇପାରନ୍ତା। ଫଳରେ ଆବଶ୍ୟକତା ଚାହିଦା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# କରୋନା ବଦଳାଇଲା ୩୮ ବର୍ଷର ପରମ୍ପରା



ପୌରାଣିକ ଚିତ୍ରକଳ୍ପକୁ ପିଲାମାନେ ଦେଖୁଛନ୍ତି।

ବାସୁଦେବପୁର,୧୪।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ବଂଶୀପାଟଣା ଗ୍ରାମର କଳ୍ପତରୁ ସେବାଶ୍ରମରେ ଦୀର୍ଘ ୩୮ ବର୍ଷ ଧରି ଅଖଣ୍ଡ ନାମଯଜ୍ଞ ଆୟୋଜିତ ହୋଇ ଆସୁଛି। ଚଳିତବର୍ଷ କରୋନା କଟକଣା ଯୋଗୁ ଦୀର୍ଘବର୍ଷର ପରମ୍ପରାକୁ ବଦଳା ଯାଇଛି। ଶ୍ରୀ କଳ୍ପତରୁ ସେବା ସଂଘର ନିଷ୍ପତ୍ତି କ୍ରମେ ଏଥର ଭ୍ରାମ୍ୟମାଣ ଭାବେ ୯ ଗାଁରେ ନାମ ମହାଯଜ୍ଞ ପାଳନ କରାଯାଉଛି। ସେବାଶ୍ରମରେ ଅଖଣ୍ଡ ନାମଯଜ୍ଞ ପୂର୍ବପରି ଚାଲୁ ରହିଥିବା ବେଳେ ଲୋକଙ୍କ ଭିଡ଼ କମାଇବା ଲକ୍ଷ୍ୟ ନେଇ ପୌରପାଳିକାର ଦେଉଳି ଗ୍ରାମର ପରମ ବୈଷ୍ଣବୀ ଠାକୁରାଣୀ, ଉଇଡିହାର ପିଆଣଶୁଣୀ ଠାକୁରାଣୀ, ବଳିବିନ୍ଧାର ହରିହାଟ ପୀଠ, ବାଷଠୀର ହରିହାଟ ପୀଠ, ଭୈରବପୁରର ଲକ୍ଷ୍ମୀନାରାୟଣ ମନ୍ଦିର ପରିସର, ବାସୁଦେବପୁର ହନୁମାନ ବାଟିକା ପରିସର, ରାଧାବଲ୍ଲଭପୁର ମା' ବୁଢ଼ୀମଙ୍ଗଳା ପୀଠ, ବଂଶୀପାଟଣାର ରଣାସାହି ପରିସର ଓ ଭୈରବପୁର ମା' ସର୍ବମଙ୍ଗଳା ପୀଠ, ଭୈରବୀଦେବୀ ପୀଠରେ ୯ ଦିନ ବ୍ୟାପୀ ଚଉପ୍ରହର ନାମଯଜ୍ଞର ଆୟୋଜନ କରାଯାଇଛି। ରବିବାର ଏହା ସପ୍ତମ ଦିନରେ ପହଞ୍ଚିଛି। ପ୍ରତି ଗାଁରେ ବାୟାବାବା, ନଣ୍ଡାବାବା (ନାମାଚାର୍ଯ୍ୟ)ଙ୍କ ତୈଳଚିତ୍ର ସହିତ ଦଶ ଅବତାର, ଭଗବାନ ଶ୍ରୀକୃଷ୍ଣ ଲୀଳାଖେଳାର ଚିତ୍ର ଧାର୍ମିକ ପରିବେଶ ସୃଷ୍ଟି କରିଛି। ପ୍ରତ୍ୟେହ ଯଶୋଦା ନନ୍ଦନ ଦାସ ହରିକଥା ପ୍ରବଚନ ମାଧ୍ୟମରେ ଲୋକଙ୍କୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେଉଛନ୍ତି। ସେହିପରି ନାମଯଜ୍ଞ ପୀଠ ସ୍ଥଳରେ ଗ୍ରାମବାସୀ ମିଳିତ ଭାବେ ହରିହାଟ କରୁଛନ୍ତି। କରୋନା ପାଇଁ ପ୍ରଥମଥର ଏଭଳି ପଦକ୍ଷେପ ନିଆଯାଇଥିବା ସେବାଶ୍ରମର କର୍ମକର୍ତ୍ତା ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ଷଡ଼ଙ୍ଗୀ, ନିରଞ୍ଜନ ଅଗସ୍ତି ପ୍ରମୁଖ ପ୍ରକାଶ କରିଛନ୍ତି।

# 'ନେତା, ମନ୍ତ୍ରୀଙ୍କୁ ଜିଲାରେ ପୂରାଇ ଦେବୁନି'

ବାରିପଦା ଅଫିସ,୧୪।୨



ଭଞ୍ଜସେନା କର୍ମକର୍ତ୍ତା ଝରାଫୁଲଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

**ଝରାଫୁଲ ମୃତ୍ୟୁ ଘଟଣାରେ ଭଞ୍ଜସେନାର ଚେତାବନୀ**

ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷ ଛାତ୍ରୀ ଝରାଫୁଲ ନାଏକ ମୃତ୍ୟୁ ଘଟଣାର ୨୦ଦିନ ବିତିଯାଇଥିଲେ ସୁଦ୍ଧା ସହଯୋଗୀ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଯାଜପୁର ପୋଲିସ ବିଫଳ ହୋଇଛି। ଏହାକୁ ନେଇ ଭଞ୍ଜସେନାର ଏକ ୯ଜଣିଆ ପ୍ରତିନିଧି ଦଳ ରବିବାର ଯଶିପୁର ଥାନା ବୁନ୍ଦେଇପୋଷି ଗ୍ରାମ ସ୍ଥିତ ଝରାଫୁଲଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ୭ଦିନ ମଧ୍ୟରେ ଉଚ୍ଚସ୍ତରୀୟ ତଦନ୍ତ ସହ ସହଯୋଗୀ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେନାର ସଭାପତି ପିଣ୍ଟୁ ମାଇତି ଚେତାବନୀ ଦେଇଛନ୍ତି। ଦାବି ପୂରଣ ନ ହେଲେ ସ୍କୁଲ, କଲେଜ ବନ୍ଦ କରି ଯୁବ ଛାତ୍ରୀଛାତ୍ରମାନଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବା ସହିତ ଜିଲା ମଧ୍ୟକୁ କୌଣସି ନେତା କିମ୍ବା ମନ୍ତ୍ରୀଙ୍କୁ ପୁରାଇ ଦିଆଯିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିବା ଝରାଫୁଲଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ସେନାର ସଂଯୋଜକ ରାକେଶ ବେହେରା, ରାକେଶ ମହାନ୍ତି, ବାଜୁନ ହାଁସଦା, ମାନସ ବେହେରା, ଜ୍ୟୋତି ରଞ୍ଜନ ପୃଷ୍ଟି, ଏସ.କେ.ରାଜାଖାନ୍, ମୁକ୍ତିଦତ ପରିଡ଼ା ପ୍ରମୁଖ ପ୍ରକାଶ କରିଛନ୍ତି। ଶନିବାର ଯାଜପୁର ପୋଲିସ ଝରାଫୁଲଙ୍କ ଗାଁରେ ପହଞ୍ଚି ପରିବାର ଲୋକଙ୍କ ଠାରୁ ସବିଶେଷ ତଥ୍ୟ ସଂଗ୍ରହ କରି ଫେରିଛି। ମୃତ୍ୟୁ ପୂର୍ବରୁ ପରିବାର ଲୋକଙ୍କ ସହ ଝରାଫୁଲ କ'ଣ କଥାବାର୍ତ୍ତା ହୋଇଥିଲେ ସେ ସମ୍ପର୍କରେ ପୋଲିସ ତାଙ୍କ ବାପା,ମା' ଓ ଭାଇଙ୍କୁ ପଚରାଉଚୁରା କରିଥିଲା।

## ବାଲେଶ୍ୱର ଜିଲା ଫୁଟବଲ ମହିଳା ଖେଳାଳି ଚୟନ

ବାଲେଶ୍ୱର ଅଫିସ, ୧୪।୨

ଝାରସୁଗୁଡା ଠାରେ ୧୫ ତାରିଖ (ସୋମବାର)ଠାରୁ ଆରମ୍ଭ ହେବାକୁ ଥିବା ଆନ୍ତଃ ଜିଲା ପିସି ବେହେରା ଟ୍ରଫି ମହିଳା ଫୁଟବଲ ପ୍ରତିଯୋଗିତା ପାଇଁ ବାଲେଶ୍ୱର ସହର ସ୍ଥାନୀୟ ପରମିଟ ପଡ଼ିଆରେ ଜିଲା କ୍ରୀଡ଼ାସଂଘ ଆନୁକୂଲ୍ୟରେ ୧୮ ଜଣିଆ ମହିଳା ଟିମ୍ ଚୟନ କରାଯାଇଛି। କୋଚ୍ ଏମପି ବାପି, ଲେଡି ମ୍ୟାନେଜର କବିତା ଦାସ ଏବଂ ଟିମ୍ ମ୍ୟାନେଜର ନିମାଇଁ ଚରଣ ରାଉତରାୟ ମହିଳା ଦଳ ସହିତ ବାଲେଶ୍ୱର ଜିଲା ତରଫରୁ ପ୍ରତିନିଧିତ୍ୱ କରିବେ ବୋଲି ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ରବିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ହାଟ ଚାଳିଆରୁ ଯୁବକଙ୍କ ମୃତଦେହ ଜବତ

ରୂପ୍‌ସା, ୧୪।୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ରୂପ୍‌ସା ହାଟଚାଳିଆରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ରବିବାର ଜବତ କରିଛି। ମୃତ ଯୁବକ ହେଲେ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳର ବିଶ୍ୱନାଥ ଟୁଡୁ (୩୫)। ବିଶ୍ୱନାଥ ତାଙ୍କ ସ୍ତ୍ରୀଙ୍କ ସହ ଦୀର୍ଘଦିନ ହେବ ରୂପ୍‌ସାରେ ରହି ବର୍ଜ୍ୟବସ୍ତୁ ସଂଗ୍ରହ କରି ବିକ୍ରି କରୁଥିଲେ। ଏହି ଅର୍ଥରେ ପରିବାର ଚଳୁଥିଲା। ଶନିବାର ରାତିରେ ହାଟଚାଳିଆରେ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଥାନାରେ ଅଭିଯୋଗ ହେବା ପରେ ୨୪ ଘଣ୍ଟା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବସ୍ ସିଣ୍ଡିକେଟ କର୍ମକର୍ତ୍ତା ଚୟନକୁ ନେଇ ବିବାଦ

ଭଦ୍ରକ ଅଫିସ, ୧୪।୨

ବସ୍ ସିଣ୍ଡିକେଟରେ ବିବାଦ ମୁଣ୍ଡ ଟେକିଛି। ଏ ନେଇ ଉଭୟ ପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ଗୋଟିଏ ପକ୍ଷ ନୂତନ କର୍ମକର୍ତ୍ତା ମନୋନୟନ କରିଥିବା ବେଳେ ବିପକ୍ଷ ଗୋଷ୍ଠୀ ଆସନ୍ତା ୨୬ ତାରିଖରେ ନିର୍ବାଚନ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ବିପକ୍ଷ ଗୋଷ୍ଠୀ ପୃଥକ୍ ସ୍ଥାନରେ ଖବରଦାତା ସମ୍ମିଳନୀ ଆୟୋଜନ କରି ନିଜ ନିଜ ପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଶନିବାର ପୂର୍ବାହ୍ନରେ ବନ୍ତ ଛକ ସ୍ଥିତ ବସ୍ ସିଣ୍ଡିକେଟ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀରେ ବସ୍ ସିଣ୍ଡିକେଟର ନୂତନ କର୍ମକର୍ତ୍ତା ଚୟନ ହୋଇଥିବା ନେଇ ଘୋଷଣା କରାଯାଇଥିଲା। ସଭାପତି ଭାବେ ମୀର ଅବଦୁଲ ରୌଫ, ଉପସଭାପତି ଗଗନ ବିହାରୀ ରାଉତ, ସାଧାରଣ ସମ୍ପାଦକ ଦିଲୀପ ନାୟକ, ଯୁଗ୍ମ ସମ୍ପାଦକ ପାର୍ଥସାରଥୀ ମହାପାତ୍ର ଓ ଶ୍ୟାମସୁନ୍ଦର ନାୟକ, ସହସମ୍ପାଦକ ପ୍ରଫୁଲ୍ଲ କର, ବିଶ୍ୱଜିତ୍ ସାହୁ, ବାଜ୍ ମହମ୍ମଦ ଖାନ୍, ରବିନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ଦିଲୀପ ମହାନାୟକ ଓ ସହ କୋଷାଧ୍ୟକ୍ଷ ଭାବେ ଅଭୟ ପାଢ଼ୀଙ୍କୁ ମନୋନୀତ କରାଯାଇଥିବା କୁହାଯାଇଥିଲା। ସେହିଭଳି ୧୨ ବରିଷ୍ଠ ସଦସ୍ୟଙ୍କୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଚୟନ ନେଇ ଘୋଷଣା ହୋଇଥିଲା। ଅପରପକ୍ଷରେ ଗାନ୍ଧୀପଡ଼ିଆ ସ୍ଥିତ କଲ୍ୟାଣ ମଣ୍ଡପ ସଭାଗୃହରେ ପୂର୍ବତନ ସଂଘ ସଭାପତି ରାଧାକିଶୋର ପଟ୍ଟନାୟକ, ସମ୍ପାଦକ ଶ୍ରୀନିବାସ ପତି, ଯାଦବ ସାହୁ, ରତିକାନ୍ତ ସେନାପତି, କମଳାକାନ୍ତ ପରିଡ଼ା, ହେମନ୍ତ ପାଢ଼ୀ ପ୍ରମୁଖ ୨୬ରେ ବସ୍ ସିଣ୍ଡିକେଟର ନିର୍ବାଚନ କରାଯିବା ନେଇ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିବା କହିଥିଲେ। ନୂତନ କର୍ମକର୍ତ୍ତା ଚୟନ କରାଯିବା ଆଇନ ସଙ୍ଗତ ନୁହେଁ ବୋଲି କୁହାଯାଇଛି। ଏ ସମ୍ପର୍କରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ବସ୍ ସିଣ୍ଡିକେଟ ପକ୍ଷରୁ ଯେତେବେଳେ ନିର୍ବାଚନ କରାଯିବ ସେ ସମୟରେ ନିୟମ ମୁତାବକ ଆଇନଶୃଙ୍ଖଳା ଦାୟିତ୍ୱ ପ୍ରଶାସନ ବୁଝିବ ବୋଲି କହିଛନ୍ତି।

# ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୟୁଜର୍ସ ଫି' ବନ୍ଦ ଦାବି

ଖଇରା, ୧୪।୨(ଡି.ଏନ.ଏ.)

**ବରିଷ୍ଠ ନାଗରିକ ମଞ୍ଚର ବୈଠକ**

ବରିଷ୍ଠ ନାଗରିକ ମଞ୍ଚ ଖଇରା ଶାଖାର ଏକ ବୈଠକ ବାଲେଶ୍ୱର ଜିଲାର ଖଇରାଠାରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମୁକ୍ତିକାନ୍ତ ଶତପଥୀଙ୍କ ବିବରଣୀ ପାଠ ପରେ ମାର୍ଚ୍ଚ ୨ତାରିଖରେ ବାର୍ଷିକ ଉତ୍ସବ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଖଇରା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୟୁଜର୍ସ ଫି' ବାବଦକୁ ଆଦାୟ କରାଯାଉଥିବା ଅର୍ଥକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବାକୁ ସ୍ଥିର କରାଯାଇଥିଲା। ନାରାୟଣ ପେଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କୃଷ୍ଣଚନ୍ଦ୍ର ପତ୍ରୀ, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର, ବୁଦ୍ଧିରାମ ପାଣିଗ୍ରାହୀ, ଉମେଶ ଚନ୍ଦ୍ର ନାୟକ, ସନ୍ତୋଷ ଶତପଥୀ, ବିଷ୍ଣୁମୋହନ ଶତପଥୀ, ଭୀମଚରଣ ରାମ, ଅରୁଣ ସ୍ୱାଇଁ, ଜଗତାନନ୍ଦ ମହାପାତ୍ର, କରୁଣାକର ମହାପାତ୍ର ଓ ଦେବେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରାଳିରେ ରଟନ୍ତି କାଳୀପୂଜା

ଆରଡ଼ି, ୧୪।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳି ବଜାରରେ କୋଭିଡ୍ କଟକଣା ମଧ୍ୟରେ ଚାଲିଛି ଚାଲିଛି ମା' ରଟନ୍ତି କାଳୀଙ୍କ ପୂଜା। ମେଳାପାଇଁ ନାହିଁ ଭିଡ଼। କେବଳ ଶ୍ରଦ୍ଧାଳୁମାନେ ଦର୍ଶନ କରିବାକୁ ଆସୁଛନ୍ତି। ପ୍ରତିଦିନ ପଣ୍ଡିତ ବ୍ରାହ୍ମଣଙ୍କ ମନ୍ତ୍ର ଉଚାରଣ, ଚଣ୍ଡିପାଠ ସାଙ୍ଗକୁ ମଧ୍ୟାହ୍ନରେ ପ୍ରସାଦ ସେବନ କରାଯାଉଛି। ସନ୍ଧ୍ୟାରେ ମା'ଙ୍କ ପାଖରେ ଆଳତି ସହ ନାମ ସଂକୀର୍ତ୍ତନ, ଯଜ୍ଞ ଅନୁଷ୍ଠିତ ହେଉଛି। ୧୯୫୦ରୁ ଆରମ୍ଭ ହୋଇଥିବା ଏହି ପୂଜା ଚଳିତବର୍ଷ ୭୧ ବର୍ଷରେ ପଦାର୍ପଣ କରିଛି। ଅସୁରାଳି ବଣିକ ସଂଘ ଓ ରଟନ୍ତି କାଳୀ ପୂଜା କମିଟିର ମିଳିତ ପ୍ରୟାସରେ ପ୍ରତିବର୍ଷ ଏହି ପୂଜା ପାଳନ କରାଯାଉଛି। ପୂର୍ବରୁ ଏଠାରେ ୭ ଦିନ ଧରି ମେଳା ଚାଲେ। ଅପେରା ମଧ୍ୟ ପ୍ରଦର୍ଶିତ ହୁଏ। ଏବର୍ଷ କରୋନା ଯୋଗୁ ଏସବୁ ବନ୍ଦ ରହିଥିବା କମିଟି ପକ୍ଷରୁ କୁହାଯାଇଛି।



ମଣ୍ଡପରେ ପୂଜା ପାଉଛନ୍ତି ମା' ରଟନ୍ତି କାଳୀ।

# କ୍ରଶର ଯୋଗୁ ବଢ଼ୁଛି ପ୍ରଦୂଷଣ

କେନ୍ଦୁଝର, ୧୪।୨(ସ୍ୱ.ପ୍ର.)



କେନ୍ଦୁଝର ଜିଲା ସଦର ତହସିଲ ଅନ୍ତର୍ଗତ ଗୁହାଳଚଟୁଆ ଗ୍ରାମରେ ପଥର କ୍ରଶର ଯୋଗୁ ପ୍ରଦୂଷଣ ବଢୁଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉପଯୁକ୍ତ ତରାରଖ ଅଭାବରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେଉ ନ ଥିବାବେଳେ ବ୍ୟବହାର ହେଉଥିବା ପଥରର ଗୁଣ୍ଡ କରାଯିବା ସମୟରେ ପବନରେ ଧୂଳି ଉଡ଼ି ରାସ୍ତାଘାଟ, ଚାଷ ଜମି, ଗଛଲତାରେ ପଡୁଛି। ଅନେକ ସମୟରେ ବାୟୁ ପ୍ରଦୂଷଣ ଯୋଗୁ ଲୋକମାନେ ରାସ୍ତାରେ ଯିବା ଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। କ୍ରସର ଚାଲିବା ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ଅନୁଯାୟୀ ପାଣି ସିଞ୍ଚନ କରାଯାଉ ନ ଥିବା ଏବଂ କ୍ରଶର ନିକଟରେ ଉଚ୍ଚ ପାଚେରୀ ନଥିବାରୁ ଧୂଳି ଉଡି ବାହାରକୁ ବ୍ୟାପୁଛି। ସେହିପରି ଧୂଳିଧୂଆଁ ବାହାରକୁ ଉଡି ନଯାଏ ସେଥିପାଇଁ ଚାରିପାଖରେ ସବୁଜ ବଳୟ ସୃଷ୍ଟି କରିବା ନିୟମ ଥିଲେ ହେଁ କରାଯାଇନାହିଁ। କ୍ରଶର ପାଇଁ କେତେ ପଥର କେଉଁଠାରୁ ଆସୁଛି ତାହାର ନିୟମିତ ତଦାରଖ ହେଉ ନ ଥିବାରୁ ଆଖପାଖ ନୁଦଝରଣ, ଦହକୁଟ, ଡିମ୍ବୋ, ମଇଦାନକେଲ ଆଦି ଅଞ୍ଚଳରୁ ବେଆଇନଭାବେ ପଥର ଆଣି ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ରଘୁନାଥପୁର ରାଜସ୍ୱ ନିରୀକ୍ଷକ କେତେ ପଥର କେଉଁଠାରୁ ଆସିଲା ଏବଂ କେତେ ବିକ୍ରି ହେଲା ନିୟମ ଅନୁଯାୟୀ ଯାଞ୍ଚ କରୁ ନ ଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି। ଏ ନେଇ କ୍ରଶରର ସୁପରଭାଇଜର ବିରଞ୍ଚି ନାରାୟଣ ବେହେରାଙ୍କୁ ପଚାରିବାରୁ ଗଚ୍ଛିତ ଥିବା ପଥରର ପରିମାଣ କହି ପାରିନଥିବାବେଳେ ଏହି ପଥର ଧୂପଦାସ୍ଥିତ ନିଜସ୍ୱ ଲିଜ୍ କ୍ୱାରୀରୁ ଅଣାଯାଉଥିବା କହିଥିଲେ। ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସିଞ୍ଚନ ବ୍ୟବସ୍ଥା ଅଛି ବୋଲି କହିଥିଲେ। ଏନେଇ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କର ବେହେରା କହିଛନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁଯାୟୀ ପଦକ୍ଷେପ ନିଆ ନ ଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

